# ଧାନର ମହିଷା ରୋଗ ଏବଂ ଏହାର ନିୟନ୍ତ୍ରଣ

**ଡ଼ଃ କ୍ଷେତ୍ରମୋହନ ଦାସ**



ଧାନର ମହିଷାରୋଗ ପ୍ରଥମେ ୧୯୧୩ ମସିହାରେ ଭାରତ ବର୍ଷରେ ଦେଖାଯାଇଥିଲା ଏବଂ ୧୯୧୯ ମସିହାରେ ମାଡ୍ରାସର ତାଞ୍ଜୋର ଉପତ୍ୟକାରେ ପ୍ରଳୟଙ୍କରୀ ମହାମାରୀ ରୂପେ ଆକ୍ରମଣ କରିଥିଲା । ଓଡ଼ିଶାର କଟକ ଜିଲ୍ଲାର ବାଣିପଦା ଗ୍ରାମରେ ୨୦୦୮ ମସିହା ରବିଋତୁରେ ଏବଂ ୨୦୦୯ ମସିହାରେ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ଏବଂ ଛତ୍ରପୁରର ୧୦୦ ଏକର ବ୍ୟାପି ଧାନ କ୍ଷେତରେ ଏହି ରୋଗ ସାଙ୍ଘାତିକ ଭାବରେ ଦେଖାଯାଇଥିଲା । ଏହି ରୋଗ ସାଧାରଣତଃ ଧାନଗଛର ପତ୍ର, ଗଣ୍ଠି ଏବଂ ଧାନକେଣ୍ଡାର ମୂଳରେ ହୋଇଥାଏ । ଅତି ମାତ୍ରାରେ ସଂକ୍ରମିତ ଧାନ ଫସଲରେ ଶତକଡା ୭୫ ଭାଗ କ୍ଷତି ଘଟିଥାଏ । ତେଣୁ ଠିକ୍ ସମୟରେ ପଦକ୍ଷେପ ନନେଲେ ଧାନ ଅମଳରେ ଯଥେଷ୍ଟ କ୍ଷତି ହେବା ସମ୍ଭାବନ ।

ବର୍ଷାଶ୍ରିତ ନିମ୍ନ ଭୂମିପାଇଁ - ସମଲେଇ, ଗାୟତ୍ରୀ, ସୀମା, ସୁରକ୍ଷା ।

- ରାସାୟନିକ ଔଷଧର ପ୍ରୟୋଗ-ଧାନଗଛର ଅଭିବୃଦ୍ଧି ବେଳେ ଯଦି ରୋଗର ଆଶଙ୍କା ଦେଖାଯାଏ କିମ୍ବା ରୋଗର ଆକ୍ରମଣ "ଆର୍ଥିକ ପ୍ରଭାବ ସୀମା'କୁ ଟପିଯାଏ, ତେବେ ଲିଟର ପ୍ରତି ୨ଗ୍ରାମ୍ କାରବାନ୍‌ଡ଼ିଜିମ୍ (ବାଭିଷ୍ଟିନ୍) ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍ (ଡ୍ରିମ୍ ୭୫, ସିଭିକ୍, ଫ୍ଲକ୍, ବ୍ଲାଷ୍ଟଅଫ୍) ମିଶାଇ ସିଞ୍ଚନ କରିବା ଦରକାର ।
- ଉଭିଦଜ ରସର ପ୍ରୟୋଗ :

  ବେଲପତ୍ର ରସ - ୨୫ ଗ୍ରାମ ସବୁଜ ବେଲପତ୍ରକୁ ପାଣିରେ ପରିଷ୍କାର ଭାବେ ଧୋଇ ୧ ଲିଟର ପାଣିରେ ବାଟି ତାର ରସକୁ ଛାଣି ସିଞ୍ଚନ କରନ୍ତୁ ।

  ତୁଳସୀପତ୍ର ରସ- ୧୦ ବା ୧୨ ଦିନର ୨୫ ଗ୍ରାମ ସବୁଜ ପତ୍ରକୁ ୧ ଲିଟର ପାଣିରେ ୧୫-୨୪ ମିନିଟ୍ ସିଝାଇ ତା'ର ରସକୁ ସାଧାରଣ ତାପମାତ୍ରାରେ ୨୦ ମିନିଟ୍ ରଖିଲାପରେ ଛାଣି ସିଞ୍ଚନ କରନ୍ତୁ ।
- ସିଞ୍ଚନ ବିଧି- ରାସାୟନିକ ଔଷଧ ହେଉ କିମ୍ବା ଉଭିଦଜ ରସ ହେଉ ସିଞ୍ଚନର ପରିମାଣ ପ୍ରତି ହେକ୍ଟରକୁ ୫୦୦ ଲିଟର ହେବା ଉଚିତ୍ । ରୋଗର ପ୍ରାଦୁର୍ଭାବ ଦେଖି ଏକ ସପ୍ତାହ ଅନ୍ତରରେ ୩ ବା ୪ଥର ସିଞ୍ଚନ କରିବା ଏକାନ୍ତ ଆବଶ୍ୟକ ।



ମହିଷା ରୋଗରେ ଆକ୍ରାନ୍ତ



ଟ୍ରାଇସାଇକ୍ଲାଜୋଲ୍ ଦ୍ୱାରା ମହିଷା ରୋଗ ନିୟନ୍ତ୍ରଣ

## ଧାନର ମହିଷା ରୋଗ ଏବଂ ଏହାର ନିୟନ୍ତ୍ରଣ

**ସି.ଆର୍.ଆର୍.ଆଇ ବୈଷୟିକ ଇସ୍ତାହାର-୮୨**
ପ୍ରକାଶକ : ଡକ୍ଟର ତ୍ରିଲୋଚନ ମହାପାତ୍ର, ନିର୍ଦ୍ଦେଶକ, କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ
© ସମସ୍ତ ସତ୍ତ୍ୱ ସଂରକ୍ଷିତ - କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ, ଓଡ଼ିଶା, ଅପ୍ରେଲ-୨୦୧୨
ସମ୍ପାଦନା ଏବଂ ପୃଷ୍ଠା ବିନ୍ୟାସ : ଡକ୍ଟର ବିଶ୍ୱନାଥ ଷଡଙ୍ଗୀ ଓ ସନ୍ଧ୍ୟାରାଣୀ ଦଲାଲ୍
ଫଟୋ : ପ୍ରକାଶ କର, ଭଗବାନ ବେହେରା ଓ ଦିପ୍ତି ରଞ୍ଜନ ସାହୁ
ମୁଦ୍ରଣ : ପ୍ରିଣ୍ଟେକ୍ ଅଫସେଟ୍ ପ୍ରା.ଲିଃ., ଚନ୍ଦକା ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୨୪

## ରୋଗର ଲକ୍ଷଣ:



ପତ୍ରରେ ମହିଷା ରୋଗ

ଧାନଗଛର ତିନୋଟି ଅବସ୍ଥାରେ ଯଥା-ତଳିଘେରା, ରୋପଣର ୨୦-୩୦ ଦିନ ଭିତରେ ସକ୍ରିୟ ପିଲ ଦେବା ସମୟରେ ବା ଧାନକେଣ୍ଡା ବାହାରିବା ସମୟରେ ତାର ମୂଳରେ ଏହି ରୋଗ ଆକ୍ରମଣ କରିଥାଏ। ପ୍ରଥମେ ପତ୍ର ଉପରେ ଛୋଟ ଛୋଟ ମାଟିଆ ଦାଗ ଦେଖାଯାଏ ଏବଂ ଧୀରେ ଧୀରେ ଦାଗ ବଡ଼ ହୋଇ ମଝି ଅଂଶ ପାଉଁସିଆ ଦେଖାଯାଏ। ପରବର୍ତ୍ତୀ ଅବସ୍ଥାରେ ଦାଗର ଦୁଇମୁଣ୍ଡ ଟାଣି ହୋଇ ଗୋଳିଆ ହୁଏ ଏବଂ ଏହା ଆଖିର ଆକାର ଧାରଣ କରେ। ଏହି ରୋଗର କବକ ମଧ୍ୟ ଧାନଗଛର ଗଣ୍ଠି ଏବଂ ଧାନକେଣ୍ଡାର ମୂଳକୁ ଆକ୍ରମଣ କରିଥାଏ। ଫଳରେ ସଂକ୍ରମିତ ସ୍ଥାନଟି କଳାପଡିଯାଇ ଦୁର୍ବଳ ହୋଇପଡେ ଏବଂ ଗଛଟି ଗଣ୍ଠିରୁ ବା ଧାନକେଣ୍ଡାର ମୂଳରୁ ନଇଁ ପଡ଼େ ଓ କେଣ୍ଡାର ଧାନ ଅଗାଡି ହୁଏ।



କେଣ୍ଡା ମୂଳରେ ମହିଷା ରୋଗ



ଗଣ୍ଠିରେ ମହିଷା ରୋଗ

## ରୋଗର କାରଣ:

ଏହି ରୋଗ ପିରିକଲାରିଆ ଗ୍ରିସିଆ ନାମକ ଏକ କବକ (ପିମ୍ପି) ଦ୍ୱାରା ହୋଇଥାଏ। ଏହି ପିମ୍ପିର ଜାଲକର ସୂତ୍ର ଗୁଡ଼ିକରେ ତିନି ପ୍ରକୋଷ୍ଠ ବିଶିଷ୍ଟ ରେଣୁ ସୃଷ୍ଟି ହୁଏ ଏବଂ ତାହା ପବନ ଦ୍ୱାରା ବାହିତ ହୋଇ ଅନ୍ୟ ଗଛର ପତ୍ରରେ ପଡି ଅନୁକୂଳ ବାତାବରଣ ପାଇଲେ ଗଜା ହୁଏ ଏବଂ ତାହା ପତ୍ରର ଛିଦ୍ର ଦେଇ ପତ୍ର ଭିତରେ ପ୍ରବେଶ କରି ବଢ଼ିବାରେ ଲାଗେ ଏବଂ ରୋଗ ସୃଷ୍ଟି କରେ।



କବକର ରେଣୁ



କବକର ସୂତ୍ର

## ରୋଗ ସୃଷ୍ଟି ପାଇଁ ଅନୁକୂଳ ବାତାବରଣ:

ନିମ୍ନ ଲିଖିତ ଅବସ୍ଥା ଗୁଡିକ ମହିଷାରୋଗ ସୃଷ୍ଟି ପାଇଁ ଅନୁକୂଳ ଅଟେ।

- ରାତିର ତାପମାତ୍ରା ୨୦°-୨୪° ସେଲସିୟସ୍ ଏବଂ ଆପେକ୍ଷିକ ଆର୍ଦ୍ରତା ୯୦% ବା ଅଧିକ।
- ଧାନ ତଳି ଅବସ୍ଥା ବା ଫସଲ ଅବସ୍ଥାରେ ଶିଶିର ପଡିବା
- ହେକ୍ଟର ପିଛା ଶତକଡା ୮୦ ରୁ ଅଧିକ ଯବକ୍ଷାରଜାନ ପ୍ରୟୋଗ
- ମେଘୁଆପାଗ ସହିତ ଝିପିଝିପି ବର୍ଷା
- ଅମ୍ଳୀୟ ମୃତ୍ତିକା (ପି.ଏଚ୍ ୫-୬.୫)

**ଆର୍ଥିକ ପ୍ରଭାବ ସୀମା:** ପତ୍ର ପିଛା ୨-୫ ଦାଗ କିମ୍ବା ବୁଦା ପିଛା ୩ଟି ପତ୍ର ଆକ୍ରାନ୍ତ ହେଲେ ଔଷଧ ସିଞ୍ଚନ ଏକାନ୍ତ ଆବଶ୍ୟକ।

## ନିୟନ୍ତ୍ରଣ:

- ରୋଗ ନଥିବା ଧାନ କ୍ଷେତରୁ ବିହନ ସଂଗ୍ରହ କରନ୍ତୁ।
- ଧାନକ୍ଷେତରେ ବା ହିଡ଼ରେ ଥିବା ଦୁବ, ମୁଥା, ସୁଆଁ, କୋଦାଘାସ, କଙ୍କଡା ଗୋଡିଆ, ପୋକସୁଙ୍ଘା, ବଣ ସୋରିଷ, କନା, କନିସିରି, ପାଣିଦଳ ଇତ୍ୟାଦି ଅନାବନା ଘାସକୁ ସମ୍ପୂର୍ଣ୍ଣଭାବେ ନଷ୍ଟ କରନ୍ତୁ।
- ସଂକ୍ରମିତ କ୍ଷେତରେ କରମା ବା ଧାନମୂଳ ଇତ୍ୟାଦି ଅଂଶକୁ ସମ୍ପୂର୍ଣ୍ଣଭାବେ ନଷ୍ଟ କରିଦିଅନ୍ତୁ।
- ଉପର ଜମିରେ ଧାନ ତଳି ପକାନ୍ତୁ ନାହିଁ।
- ବିହନ ବିଶୋଧନ - ଏକ କି.ଗ୍ରା. ବିହନରେ ୨ ଗ୍ରାମ୍ କାରବାନ୍‌ଡ଼ିଜିମ୍ (ବାଭିଷ୍ଟିନ୍) ପକାଇ ଗୋଟିଏ ନିବୁଜ ପାତ୍ର ବା ବିହନ ବିଶୋଧନ ଡ୍ରମରେ ଭଲ ଭାବରେ ମିଶାନ୍ତୁ ଏବଂ ୨୪ ଘଣ୍ଟା ପରେ ପ୍ରତ୍ୟକ୍ଷଭାବେ ବୁଣନ୍ତୁ ବା ତଳି ପକାନ୍ତୁ।
- ଜମିରେ ଯବକ୍ଷାରଜାନ ସାର ଏକାବେଳେ ନପକାଇ ହେକ୍ଟର ପିଛା ୮୦ କି.ଗ୍ରା. ତିନିଥରରେ (ମୂଳସାର, ପିଲସାର ଏବଂ ଥୋଡସାର ରୂପେ) ବ୍ୟବହାର କରନ୍ତୁ।
- ସହନଶୀଳ କିସମ :

  ଉପର ଜମିପାଇଁ - ହୀରା, ବନ୍ଦନା, କଳିଙ୍ଗ ୩, ଅନ୍ନଦା ଏବଂ ପଥରା।

  ଜଳସେଚିତ ଜମିପାଇଁ - ମଶୁରୀ, ପାରିଜାତ, ରତ୍ନା, ପ୍ରତାପ, ଶ୍ରାବଣୀ, ଗୌରୀ, ଆଇ.ଆର୍.୩୬, ଆଇ.ଆର୍-୬୪, ରୁଦ୍ର, ଶଙ୍କର, ଦୟା।